# "ସର୍ବଶିକ୍ଷା ଅଭିଯାନ, ମାଲକାନଗିରି"

**ଶୈକ୍ଷିକ ବିଭାଗ -**

୧. ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧,୧୭,୧୭୬ ଜଣ ଛାତ୍ରଛାତ୍ରୀ ମାନଙ୍କୁ (ପ୍ରାଥମିକ ସ୍ତରର ୮୬୧୯୯ ଜଣ ଓ ଉଚ୍ଚ ପ୍ରାଥମିକ ସ୍ତରର ୩୦୯୭୭ ଜଣ) ୧୪୦୩ ଗୋଟି ବିଦ୍ୟାଳୟରେ (୮୮୧ ପ୍ରାଥମିକ, ୩୯୧ ଉଚ୍ଚପ୍ରାଥମିକ ଏବଂ ୧୩୧ ଉଚ୍ଚ ବିଦ୍ୟାଳୟ) ଶିକ୍ଷା ପ୍ରଦାନ କରାଯାଇଛି ।

୨. ସରକାରୀ ଓ ଅନୁଦାନ ପ୍ରାପ୍ତ ସମସ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ୁଥିବା ପିଲାମାନଙ୍କୁ ଚଳିତ ବର୍ଷ ୫୩୨୨୭୩ ପାଠ୍ୟପୁସ୍ତକ ଆବଶ୍ୟକ ଥିବା ସ୍ଥଳେ ୫୦୦୪୭୬ ମାଗଣାରେ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଛି ।

୩. ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ର ବାଳକ ଓ ବାଳିକା ମାନଙ୍କ ପାଇଁ ୪୦୦/- ଟଙ୍କା ହିସାବରେ ୦୨ ହଳ ପୋଷାକ ପାଇଁ ବିଦ୍ୟାଳୟ ପରିଚାଳନା କମିଟିକୁ ଅର୍ଥ ପ୍ରଦାନର ବ୍ୟବସ୍ଥା କରାଯାଇଅଛି ।

୪. ୨୦୧୬-୧୭ ଆର୍ଥିକ ବର୍ଷରେ ୨୦୬ ଜଣଙ୍କୁ ନିଯୁକ୍ତି ପ୍ରଦାନ ତଥା ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ୪୮୮ ଜଣ ଗଣଶିକ୍ଷକ, ୮୯୯ ଜଣ ଶିକ୍ଷା ସହାୟକଙ୍କ ପାଇଁ ଦରମାର ବ୍ୟବସ୍ଥା କରାଯାଇଛି ।

୫. ପ୍ରତିବର୍ଷ କାର୍ଯ୍ୟରେ ପ୍ରଥମରୁ ଅଷ୍ଟମ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପାଇଁ ବିଷୟ ଭିତ୍ତିକ ତାଲିମ ଏବଂ ପାଠ୍ୟ ଭିତ୍ତିକ ତାଲିମ ନୂତନ ଭାବେ ନିଯୁକ୍ତ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପାଇଁ ସକ୍ଷମ ତାଲିମ ତଥା ଅଣତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ପାଇଁ ଡିପ୍ଲୋମା ପ୍ରାଥମିକ ଶିକ୍ଷା ତାଲିମର ବ୍ୟବସ୍ଥା କରାଯାଉଛି ।

୬. ପ୍ରତ୍ୟେକ ବିଦ୍ୟାଳୟରେ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ସହ ଭାଷା, ଇଂରାଜୀ ଏବଂ ଗଣିତ ବିଷୟରେ ନ୍ୟୁନତମ ଦକ୍ଷତା ବିକାଶ କାର୍ଯ୍ୟକ୍ରମ "ଉଜ୍ଜ୍ୱଳ" ମାଧ୍ୟମରେ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଯାଇଛି ।

୭. ପ୍ରତ୍ୟେକ ବିଦ୍ୟାଳୟକୁ ଶିକ୍ଷକ ସହାୟକ ପୁସ୍ତକ ସୋପାନ, ସମାଧାନ, ସାଧନ, ସ୍ୱୟମ ନିରନ୍ତର ଓ ସାମଗ୍ରିକ ମୂଲ୍ୟାୟନ, ସହଜ, ଉଜ୍ଜ୍ୱଳ, ଶିକ୍ଷଣ ସୂଚକ, ପିଲାଙ୍କ ଭାଷା ଓ ଶିକ୍ଷକ ତଥା ଲାଇବ୍ରେରୀ ପାଇଁ ଗଳ୍ପ ପୁସ୍ତକ(୨୦ ପ୍ରକାର) ପ୍ରଦାନ କରାଯାଇଛି ।

୮. ଶିକ୍ଷଣ ବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶିକ୍ଷଣ ସାମଗ୍ରୀ, ଗପବହି, ଲାଇବ୍ରେରୀ, ଗଣିତ ମେଳା, ବିଜ୍ଞାନ ମେଳା, ପ୍ରଗତି ଫର୍ଦ୍ଦ ଇତ୍ୟାଦି ତଥା ଶିକ୍ଷଣ କିଟ୍, ବ୍ୟାଗ୍ ଏବଂ ଶିକ୍ଷଣ ସାମଗ୍ରୀ ପ୍ରାଥମିକ ଶ୍ରେଣୀ ପିଲାମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଛି ।

୯.   ୭୫ ଗୋଟି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ-ୂଟର ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ଶିକ୍ଷଣ ବ୍ୟବସ୍ଥା କରାଯାଇଛି । ଉକ୍ତ ବିଦ୍ୟାଳୟରେ ବିଭିନ୍ନ ଭାଷା ଓ ଶ୍ରେଣୀର ବିଷୟବସ୍ତୁ ଗୁଡ଼ିକୁ ଦୃଷ୍ଟଶ୍ରବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରି ପାଠ ପଢ଼ାଯିବାର ବ୍ୟବସ୍ଥା କରାଯାଇଛି ।

୧୦. ସରକାରୀ ତଥା ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ପାଇଁ ପ୍ରାଥମିକ ସ୍ତର ଏବଂ ଉଚ୍ଚ ପ୍ରାଥମିକ ନିମନ୍ତେ ବିଦ୍ୟାଳୟ ଉନ୍ନତୀ ଅନୁଦାନ ଯଥାକ୍ରମେ ୫୦୦୦/- ଟଙ୍କା ଏବଂ ୭୦୦୦/- ଟଙ୍କାର ବିଦ୍ୟାଳୟ ପରିଚାଳନା କମିଟି ମାଧ୍ୟମରେ ବିଦ୍ୟାଳୟର ସାମଗ୍ରୀକ ଉନ୍ନତି ପାଇଁ ବ୍ୟବସ୍ଥା କରାଯାଇଅଛି ।

୧୧. ସରକାରୀ ତଥା ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ପାଇଁ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ ପାଇଁ ୫୦୦/- ଟଙ୍କା ଲେଖାଏଁ ବିଦ୍ୟାଳୟ ପରିଚାଳନା କମିଟି ମାଧ୍ୟମରେ ବିଦ୍ୟାଳୟର ଶିକ୍ଷଣ ଉପକରଣ/ସାମଗ୍ରୀ ପାଇଁ ବ୍ୟବସ୍ଥା କରାଯାଇଅଛି ।

୧୨. ଜିଲ୍ଲାରେ ସର୍ବଶିକ୍ଷା ଅଭିଯାନର ତଦାରଖ କରିବା ପାଇଁ ବ୍ଲକ୍ ସ୍ତରରେ ୦୭ ଜଣ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଏବଂ ପଞ୍ଚାୟତ ସ୍ତରରେ ୧୧୦ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିୟୋଜିତ ହୋଇଛନ୍ତି ।

ଯୋଜନା ବିଭାଗ -

୧.   ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କ ପାଇଁ ବ୍ୟବସ୍ଥା - ଜିଲ୍ଲାର ୬ ରୁ ୧୪ ବର୍ଷ ବୟସର ଯେଉଁ ପିଲାମାନେ ଅଧାରୁ ପାଠ ଛାଡ଼ିଛନ୍ତି କିମ୍ବା ଆଦୌ ବିଦ୍ୟାଳୟରେ ନାମଲେଖାଇ ନାହାନ୍ତି ସେମାନଙ୍କୁ ଚିହ୍ନଟ କରି ବିଦ୍ୟାଳୟରେ ବୟସ ଉପଯୋଗି ଶ୍ରେଣୀରେ ନାମଲେଖାଇବା ସହ ଆବାସିକ ଓ ଅଣଆବାସିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦାନ କରି ପ୍ରଶିକ୍ଷଣ କରାଯାଇ ମୂଖ୍ୟସ୍ରୋତରେ ସାମିଲ କରାଯାଉଛି ।

୨.   ଶିଶୁସୁରକ୍ଷା ସଂସ୍ଥା ଦ୍ୱାରା ଚିହ୍ନିତ ଜିଲ୍ଲାର ମୋଟ ୫୦ ଜଣ ପିତୃ ମାତୃହୀନ ଛାତ୍ର/ଛାତ୍ରୀ ମାନଙ୍କୁ ଚଳିତ ବର୍ଷ ଏକ ଆବାସିକ କେନ୍ଦ୍ରରେ ରଖାଯାଇ ଶିକ୍ଷାଦାନ କରାଯିବାର ବ୍ୟବସ୍ଥା କରାଯାଉଛି ।

୩.   ଛାତ୍ରଛାତ୍ରୀ ମାନଙ୍କୁ ଗ୍ରାମ ନିକଟରେ ବିଦ୍ୟାଳୟ ସୁଯୋଗ ଯୋଗାଇ ଦେବା ଉଦ୍ଦେଷ୍ୟରେ ଏକ କି.ମି ପରିଧିରେ ୪୪୪ ଟି ନୂତନ ପ୍ରାଥମିକ ବିଦ୍ୟାଳୟ ଏବଂ ତିନି କି.ମି ପରିଧିରେ ୩୨୬ ଟି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲାଯିବା ସହିତ ୨୨୨ ଟି ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଖୋଲାଯାଇଛି ।

୪. ବିଦ୍ୟାଳୟର ଉନ୍ନତି ପାଇଁ ୦୩ ବର୍ଷ ବ୍ୟବଧାନରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଉଛି । ପରିଚାଳନା କମିଟି ସଭ୍ୟ ସଭ୍ୟାଙ୍କୁ ତାଲିମ୍ ପ୍ରଦାନ କରାଯାଇ ବିଦ୍ୟାଳୟରେ ଗୋଷ୍ଠୀ ସଂପୃକ୍ତିକୁ ନିଧାର୍ଯ୍ୟ କରାଯାଉଅଛି ।

ବିଦ୍ୟାଳୟ ଭିତ୍ତିଭୂମି -

୧. ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ ନୁତନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବାଳକ ବାଳିକା ମାନଙ୍କ ପାଇଁ ସ୍ୱତନ୍ତ୍ର ପକ୍କାଘର, ଅତିରିକ୍ତ ଶ୍ରେଣୀଗୃହ, ପାଇଖାନା ତଥା ପରିଶ୍ରାଗାର, ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ରପାଇଖାନା, ମଧ୍ୟାହ୍ନ ଭୋଜନ ରୋଷେଇ ଘର ଇତ୍ୟାଦିର ବ୍ୟବସ୍ଥା କରାଯାଇଅଛି । ଚଳିତ ବର୍ଷ ୪୬ ଗୋଟି ନୂତନ ପ୍ରାଥମିକ ବିଦ୍ୟାଳୟ ପକ୍କାଘର, ୧୩ ଗୋଟି ଅତିରିକ୍ତ ଶ୍ରେଣୀଗୃହ, ବାଳିକା ମାନଙ୍କ ପାଇଁ ୧୧ ଗୋଟି ବାଳକ ମାନଙ୍କ ପାଇଁ ୨୫ ଗୋଟି, ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ୧୪ ଗୋଟି ପାଇଖାନା ତଥା ପରିଶ୍ରାଗାର ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି ।

୨. ସରକାରୀ ବିଦ୍ୟାଳୟ ପାଇଁ ରକ୍ଷଣା ବେକ୍ଷଣ ଅନୁଦାନ ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତର ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ଭାବେ ୩ ଗୋଟି ଶ୍ରେଣୀଗୃହ ପର୍ଯ୍ୟନ୍ତ ୫୦୦୦ ଟଙ୍କା ଲେଖାଏଁ ଏବଂ ୩ ରୁ ଅଧିକ ଶ୍ରେଣୀଗୃହ ପର୍ଯ୍ୟନ୍ତ ୧୦,୦୦୦/- ଟଙ୍କା ଲେଖାଏଁ ଉଭୟ ସ୍ତରର ବିଦ୍ୟାଳୟ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ମାଧ୍ୟମରେ ପ୍ରଦାନ ବ୍ୟବସ୍ଥା କରାଯାଇଛି ।

ବାଳିକା ଶିକ୍ଷା -

୧. କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟ - ଜିଲ୍ଲାର ସାତଗୋଟି ବ୍ଲକ୍‌ରେ ଥିବା ଆଦିବାସୀ ଝିଅମାନଙ୍କପାଇଁ (ପାଠତ୍ୟାଗୀ/ଆଦୌ ବିଦ୍ୟାଳୟ ଯାଇନଥିବା/ସ୍ୱତନ୍ତ୍ର ଆବଶ୍ୟକତା ଥିବା ବାଳିକା/ପିତୃ-ମାତୃହୀନ ବାଳିକା/ଦାରିଦ୍ର୍ୟସୀମା ରେଖା ତଳେଥିବା ବାଳିକା/ଭୌଗୋଳିକ ପ୍ରତିବନ୍ଧକ ଅଂଚଳର ବାଳିକା/ବିସ୍ଥାପିତ ବାଳିକା) ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସ୍ଥାପନ କରାଯାଇଛି । ଏହା ସଂପୂର୍ଣ୍ଣ ମାଗଣା ଓ ଆବାସିକ ଅଟେ । ଏହି ବିଦ୍ୟାଳୟ ଗୁଡ଼ିକରେ ପାଠ ପଢ଼ା ବ୍ୟତୀତ, ବୃତ୍ତିଭିତ୍ତିକ ତାଲିମ ଯଥା - ସିଲେଇ, କଣ୍ଢେଇ, ମହମବତୀ ଆଦି ପ୍ରସ୍ତୁତି କୌଶଳ, ବେତ ଓ ବାଉଁଶକାମ ଶିକ୍ଷା, ଆତ୍ମରକ୍ଷା କୌଶଳ ଆଦି ଶିକ୍ଷା ଦିଆଯାଇ ଭବିଷ୍ୟତରେ ସ୍ୱାବଲମ୍ବୀ ହେବାର ସୁଯୋଗ ସୃଷ୍ଟି କରାଯାଉଛି ।

୨. ବାଳିକା ଶିକ୍ଷା - ଜିଲ୍ଲାର ସମସ୍ତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଢ଼ୁଥିବା ବାଳିକା ମାନଙ୍କୁ ପାଠପଢ଼ା ବ୍ୟତୀତ ପର୍ଯ୍ୟାୟକ୍ରମେ ଆତ୍ମରକ୍ଷା କୌଶଳ ତାଲିମ ଦିଆଯାଇଛି । ଏହି ବିଦ୍ୟାଳୟ ଗୁଡ଼ିକର ଅଧ୍ୟୟନରତ ବାଳିକା ମାନଙ୍କୁ କୈଶୋର ଓ ତତ୍‌ଜନିତ ସମସ୍ୟା ଗୁଡ଼ିକ

ସଂପର୍କରେ ଧାରଣା, ଜୀବନକୌଶଳ, ସାମାଜିକ ସମସ୍ୟା ଯଥା- ବାଲ୍ୟ ବିବାହ, କନ୍ୟାଭ୍ରୁଣ ହତ୍ୟା, ମହିଳା ଓ ଶିଶୁ ରକ୍ଷଣ, ଯୌନନିର୍ଯ୍ୟାତନା ଇତ୍ୟାଦି ସଂପର୍କରେ ସଚେତନ କରାଯାଉଛି ।

<u>ବହୁଭାଷୀ ଶିକ୍ଷା -</u>

୧. ଜିଲ୍ଲାର ଆଦିବାସୀ ସଂପ୍ରଦାୟ ର ଛାତ୍ର/ଛାତ୍ରୀ ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ, ଜିଲ୍ଲାରେ ୮୦ ଗୋଟି କୋୟ, ୨୦ ଗୋଟି ବଣ୍ଡା ଓ ୧୩ ଗୋଟି ଦିଦାୟୀ ବିଦ୍ୟାଳୟରେ ବହୁଭାଷୀ ଶିକ୍ଷା ନିଯୁକ୍ତି କରିବା ସହ ଛାତ୍ର/ଛାତ୍ରୀ ମାନଙ୍କୁ ବହୁଭାଷୀ ମାଗଣା ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଇ ପ୍ରାଥମିକ ସ୍ତରରେ ନିଜ ନିଜ ମାତୃ ଭାଷାରେ ଶିକ୍ଷା ଦିଆ ଯିବାର ବ୍ୟବସ୍ଥା କରାଯାଇଛି ।

୨. ବହୂଭାଷୀ ଶିକ୍ଷା ବ୍ୟବସ୍ଥାରେ ୧୮୪ ଜଣ କୋୟ, ୩୭ ଜଣ ବଣ୍ଡା ଓ ୧୬ ଜଣ ଡିଡାୟୀ ଏହିପରି ମୋଟ ୨୩୭ ଜଣଙ୍କୁ ଶିକ୍ଷା ସହାୟକ ରୁପେ ନିଯୁକ୍ତି କରାଯାଇଛି ।

୩. ଆଦିବାସୀ ବହୁଳ ଅଞ୍ଚଳରେ ସୃଜନ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କର ଆଞ୍ଚଳିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ, ଗପ, ନାଚ ଓ ଗୀତ ମାଧ୍ୟମରେ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାପ୍ରତି ଆକୃଷ୍ଟ କରାଯାଉଅଛି ।

<u>ଅନ୍ତର୍ନିବେଶୀ ଶିକ୍ଷା -</u>

୧. ସ୍ୱତନ୍ତ୍ରଭାବେ କ୍ଷମ ୪୯୦୯ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେଥିମଧ୍ୟରୁ ୧୨୯୮ ଜଣ ସ୍ୱଳ୍ପ ଦୃଷ୍ଟି ଛାତ୍ରଛାତ୍ରୀଙ୍କୁ ଚକ୍ଷୁ ପରୀକ୍ଷା ଜଣଙ୍କୁ ୯୮୯ ଜଣଙ୍କୁ ଚଷମା ପ୍ରଦାନ କରାଯାଇଅଛି ।

୨. ବିଶେଷ ଆବଶ୍ୟକତାଥିବା ପିଲାମାନଙ୍କ ଅର୍ନ୍ତନିହିତ ଗୁଣାବଳୀର ପରିପ୍ରକାଶ, ବୈର୍ଦ୍ଧିକ ବିକାଶ ଏବଂ ପିଲାମାନଙ୍କରେ ସଚେତନତା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଯଥା- ପିତା, ମାତା ମାନଙ୍କର ଏକ ଦୀବସୀୟ ତାଲିମ, ଶିକ୍ଷକ ମାନଙ୍କ ୫ ଦିନିଆ ତାଲିମ ପ୍ରତି ବ୍ଲକର ଡାକ୍ତରୀ ଚିକିତ୍ସା ପାଇଁ ଶିବିର, ବିଭିନ୍ନ ସହାୟକ ଉପକରଣମାନ ବଣ୍ଟନର ବ୍ୟବସ୍ଥା କରାଯାଇଅଛି ।

୩. ପ୍ରାଥମିକ ସ୍ତରରେ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ଦୃଷ୍ଟିହୀନ ପିଲାମାନଙ୍କରୁ ବ୍ରେଲି ପୁସ୍ତକ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଅଛି ।

୪. ପ୍ରାଥମିକ ସ୍ତରରେ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ସ୍ୱଳ୍ପଦୃଷ୍ଟି ସଂପନ୍ନ ପିଲାମାନଙ୍କୁ ବଡ଼ ଆକାରର ବହି ଛପାଯାଇ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଅଛି ।